# NATIONAL NEWS BULLETIN (ODIA)

## 2 May - 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପରେ ଆଜି ପଶ୍ଚିମବଙ୍ଗର ୧୫ଟି ମତଦାନ କେନ୍ଦ୍ରରେ ଆରମ୍ଭ ହୋଇଛି ପୁନଃ ମତଦାନ
- ପଶ୍ଚିମ ଏସିଆରେ ଉତ୍ତେଜନାମୂଳକ ପରିସ୍ଥିତି ସତ୍ତ୍ୱେ ଭାରତରେ ଶକ୍ତି ଯୋଗାଣ ସୁବ୍ୟବସ୍ଥିତ ଥିବା କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରଣାଳୟର ସୂଚନା
- ୧୦୦ ବିଲିୟନ ଡଲାର ଅତିକ୍ରମ କଲା ଭାରତ-ୟୁଏଇ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର
- ସଂଘର୍ଷ ଶେଷ କରିବା ଲାଗି ଇରାନ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ ଆମେରିକା ରାଷ୍ଟ୍ରପତି

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ରାଜସ୍ଥାନ ରୟାଲ୍‌ସକୁ ୭ ୱିକେଟ୍‌ରେ ପରାସ୍ତ କଲା ଦିଲ୍ଲୀ କ୍ୟାପିଟାଲ୍‌ସ

– ଆଜି ଚେନ୍ନାଇ ସୁପର୍ କିଙ୍ଗ୍‌ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମ୍ୟାଚ୍

# ଇସି-ଡବ୍ଲୁବି

ପଶ୍ଚିମବଙ୍ଗର ୧୫ଟି ମତଦାନ କେନ୍ଦ୍ରରେ ଆଜି ପୁନଃ ମତଦାନ ହେଉଛି ।  ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପରେ ମଗ୍ରାହାଟ ପଶ୍ଚିମ ବିଧାନସଭା ନିର୍ବାଚନ ମଣ୍ଡଳୀର ୧୧ଟି ଏବଂ ଡାଇମଣ୍ଡ ହାର୍ବର ବିଧାନସଭା ନିର୍ବାଚନ ମଣ୍ଡଳୀର ୪ଟି ମତଦାନ କେନ୍ଦ୍ରରେ ଆଜି ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇଛି । ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ଜାରି ରହିବ । ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ  ସମ୍ପୃକ୍ତ ବିଧାନସଭା ଆସନ ଅଞ୍ଚଳରେ ରିଟର୍ଣ୍ଣିଂ ଅଧିକାରୀ ଏବଂ ପର୍ଯ୍ୟବେକ୍ଷକଙ୍କଠାରୁ ମିଳିଥିବା ରିପୋର୍ଟ ଆଧାରରେ ପୁନଃ ମତଦାନ କରାଯାଉଛି । ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ  ସଂପୃକ୍ତ ବୁଥ୍ ଗୁଡ଼ିକରେ ଗତ ବୁଧବାର ଦିନ ମତଦାନ ହୋଇଥିଲା । ରିପୋର୍ଟ ଆଧାରରେ, କମିଶନ ଏହି ମତଦାନ କେନ୍ଦ୍ରଗୁଡ଼ିକରେ  ନିର୍ବାଚନକୁ ଅବୈଧ ଘୋଷଣା କରିଥିଲେ ।

# ନିଉକ୍ଲିୟର-କୁଡାମକୁଲମ

ଆଣବିକ ଶକ୍ତି ନିୟାମକ ବୋର୍ଡ, କୁଡାନକୁଲମ ଆଣବିକ ଶକ୍ତି ପ୍ରକଳ୍ପ ୟୁନିଟ୍ ୫ ଏବଂ ୬ ରେ ଗୁରୁତ୍ୱପୂର୍ଣ୍ଣ ଉପକରଣ ସ୍ଥାପନ ପାଇଁ ଅନୁମତି ପ୍ରଦାନ କରିଛି। ଫଳରେ ଭାରତୀୟ ଆଣବିକ ଶକ୍ତି ନିଗମ

ଲିମିଟେଡକୁ ପ୍ଲାଣ୍ଟରେ ଗୁରୁତ୍ୱପୂର୍ଣ୍ଣ ଉପକରଣ ସ୍ଥାପନ କରାଯିବ । ଏହି ଉପକରଣ ମଧ୍ୟରେ ରିଆକ୍ଟର ପ୍ରେସର ଭେସେଲ, ଷ୍ଟିମ୍ ଜେନେରେଟର ଓ କୁଲାଣ୍ଟ ପମ୍ପ ରହିଛି ।

AERB ଦ୍ୱାରା ନିର୍ଦ୍ଦିଷ୍ଟ ସୁରକ୍ଷା ଆବଶ୍ୟକତା ଅନୁଯାୟୀ ୟୁନିଟ୍‌ଗୁଡ଼ିକର ଡିଜାଇନର ବହୁସ୍ତରୀୟ ସୁରକ୍ଷା ସମୀକ୍ଷା ଏବଂ 'ପ୍ରଥମ କଂକ୍ରିଟ୍ ପୋର୍' ପାଇଁ ୨୦୨୧ ମସିହା ଏପ୍ରିଲ ମାସରେ ଜାରି କରାଯାଇଥିବା ପୂର୍ବ ଅନୁମତି ଅନୁଯାୟୀ ଏପର୍ଯ୍ୟନ୍ତ  ନିର୍ମାଣ କାର୍ଯ୍ୟକଳାପର ପ୍ରଗତି ସନ୍ତୋଷଜନକ ରହିବା ପରେ ଏହି ଅନୁମତି ପ୍ରଦାନ କରାଯାଇଛି। ତାମିଲନାଡୁର ତିରୁନେଲଭେଲି ଜିଲ୍ଲାରେ ଅବସ୍ଥିତ କୁଡାନକୁଲମ ଆଣବିକ ପ୍ରକଳ୍ପ ସ୍ଥାନରେ VVER ଡିଜାଇନର ଛଅଟି ପ୍ରେସର୍ ଜଳ ରିଆକ୍ଟର ରହିଛି, ଯାହା ରୁଷ ସହିତ ବୈଷୟିକ ସହଯୋଗରେ ପ୍ରତିଷ୍ଠା କରାଯାଉଛି ।

## ଗଭ୍-ୱେଷ୍ଟ ଏସିଆ

ପଶ୍ଚିମ ଏସିଆରେ ସୃଷ୍ଟ ଉତ୍ତେଜନାମୂଳକ ପରିସ୍ଥିତି ବୃଦ୍ଧିପାଉଥିବା ସତ୍ତ୍ୱେ ଶକ୍ତି ଯୋଗାଣ, ସାମୁଦ୍ରିକ କାର୍ଯ୍ୟ ଓ ଭାରତୀୟ ନାଗରିକମାନଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଗତକାଲି କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଦେଶରେ

ଏଲପିଜିର କଳାବଜାରୀ ରୋକିବା ପାଇଁ କାର୍ଯ୍ୟାନୁଷ୍ଠାନ କାର୍ଯ୍ୟାନୁଷ୍ଠାନ ଜାରି ରହିଛି ଏବଂ ଏପର୍ଯ୍ୟନ୍ତ ୨ ହଜାର ୩୦୦ ରୁ ଅଧିକ ଚଢାଉ କରାଯାଇଛି ।

ଅନଲାଇନ୍ ଏଲପିଜି ସିଲିଣ୍ଡର ବୁକିଂ ୯୮ ପ୍ରତିଶତକୁ ବୃଦ୍ଧି ପାଇଛି । ପ୍ରାୟ ୪୧ ଲକ୍ଷ ୬୦ ହଜାର ଏଲପିଜି ସିଲିଣ୍ଡର ବୁକିଂ ହୋଇଥିବା ବେଳ  ୪୯ ଲକ୍ଷ ୮ ହଜାର ଘରୋଇ ଏଲପିଜି ସିଲିଣ୍ଡର ବିତରଣ କରାଯାଇଛି।  ଫେବୃଆରୀ ମାସରେ ବିକ୍ରି ହୋଇଥିବା ୫ କିଲୋଗ୍ରାମ FTL ସିଲିଣ୍ଡର ସଂଖ୍ୟା ପ୍ରାୟ ୨୧ ଲକ୍ଷ ୭ ହଜାରକୁ ବୃଦ୍ଧି ପାଇଛି ।  ମାର୍ଚ୍ଚ ମାସରୁ ଏପର୍ଯ୍ୟନ୍ତ ପ୍ରାୟ ୫ ଲକ୍ଷ ୮୮ ହଜାର PNG ସଂଯୋଗ ଦିଆଯାଇଛି ।

ଉତ୍ତେଜନାମୂଳକ ପରିସ୍ଥିତି ଜାରି ରହିଥିବା ଅଞ୍ଚଳରେ   ସମସ୍ତ ଭାରତୀୟ ନାବିକ ସୁରକ୍ଷିତ ଅଛନ୍ତି ଏବଂ ଗତ ୨୪ ଘଣ୍ଟା ମଧ୍ୟରେ ଭାରତୀୟ ଜାହାଜ ସହିତ କୌଣସି ଅଘଟଣ ଘଟିନାହିଁ । ତେହେରାନରେ ଥିବା ଭାରତୀୟ ଦୂତାବାସ ସ୍ଥଳ ସୀମା ମାର୍ଗ ଦେଇ ଇରାନରୁ ୨ ହଜାର ୪୯୦ ଭାରତୀୟ ନାଗରିକଙ୍କୁ ପରିବହନ ସୁବିଧା ପ୍ରଦାନ କରିଥିବା ମନ୍ତ୍ରଣାଳୟ ସୂଚନା ଦେଇଛି ।

## ଇଣ୍ଡିଆ-କ୍ରୁଡ୍ ସୋର୍ସିଂ

କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି, ବିଶ୍ୱ ଶକ୍ତି ସଙ୍କଟ ସମୟରେ ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ପ୍ରୟାସ ସ୍ୱରୂପ ଭାରତ ଏହାର ଅଶୋଧିତ ତୈଳ ଉତ୍ସ ଆଧାରକୁ ପୂର୍ବରୁ ୨୭ ଦେଶରୁ ୪୧ ଦେଶକୁ ବୃଦ୍ଧି କରିଛି। ଦକ୍ଷିଣ ଗୁଜରାଟରେ ଭାଇବ୍ରାଣ୍ଟ ଗୁଜରାଟ ଆଞ୍ଚଳିକ ସମ୍ମିଳନୀରେ ଉଦ୍‌ବୋଧନ ଦେବା ଅବସରରେ ସେ କହିଛନ୍ତି, ସଙ୍କଟ ପରିଚାଳନାରେ ଦୀର୍ଘକାଳୀନ ଯୋଜନା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଘରୋଇ ଉତ୍ପାଦନ ବୃଦ୍ଧି ସମ୍ପର୍କରେ ଶ୍ରୀ ପୁରୀ କହିଛନ୍ତି, ରିଫାଇନାରୀଗୁଡ଼ିକରେ ଏଲପିଜି ଉତ୍ପାଦନ ବୃଦ୍ଧି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଘରୋଇ ଉତ୍ପାଦନ ୬୦ ପ୍ରତିଶତ ବୃଦ୍ଧି ପାଇଛି। ପ୍ରତିଦିନ ଘରୋଇ ଉତ୍ପାଦନ ୩୬ ହଜାରରୁ ୫୪ ହଜାର ମେଟ୍ରିକ ଟନ୍ ପର୍ଯ୍ୟନ୍ତ ବୃଦ୍ଧି ପାଇଛି ।

## ଆରବିଆଇ

ଭାରତୀୟ ରିଜର୍ଭ ବ୍ୟାଙ୍କ ସୂଚନା ଅନୁଯାୟୀ ପ୍ରଚଳନରେ ଥିବା ୨ ହଜାର ଟଙ୍କା ମୂଲ୍ୟର ନୋଟର ୯୮.୪୭ ପ୍ରତିଶତ  ଫେରିଆସିଛି । ୩ ବର୍ଷ ପୂର୍ବେ ୨ ହଜାର ଟଙ୍କିଆ ନୋଟ୍ ପ୍ରତ୍ୟାହାର ଘୋଷଣା କରାଯାଇଥିଲା । କେନ୍ଦ୍ରୀୟ ବ୍ୟାଙ୍କ ଏହାର ମୁଦ୍ରା ପରିଚାଳନା ପ୍ରକ୍ରିୟାର

ଅଂଶ ଭାବରେ ୨୦୨୩  ମଇ ମାସ ୧୯ ତାରିଖରୁ ଏହି ନୋଟ୍ ପ୍ରତ୍ୟାହାର ଘୋଷଣା କରିଥିଲା l ସେହି ସମୟରେ ପ୍ରଚଳନରେ ଥିବା ଏହି ନୋଟର ମୋଟ ମୂଲ୍ୟ ୩.୫୬ ଲକ୍ଷ କୋଟି ଟଙ୍କା ଥିଲା l ସୂଚନା ଅନୁସାରେ, ଚଳିତ ବର୍ଷ ଏପ୍ରିଲ୍ ସୁଦ୍ଧା ଏହି ମୂଲ୍ୟ  ୫,୪୫୧ କୋଟି ଟଙ୍କାକୁ ହ୍ରାସ ପାଇଛି l ପ୍ରତ୍ୟାହାର ଘୋଷଣା ସତ୍ତ୍ୱେ ୨ ହଜାର ଟଙ୍କା ନୋଟ୍ ବୈଧ ରହିଛି ।

## ଗୋୟଲ-ଇଣ୍ଡିଆ ୟୁଏଇ ସେପା

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି ୪ ବର୍ଷ ପୂର୍ବେ କାର୍ଯ୍ୟକାରୀ ହୋଇଥିବା ଭାରତ-ୟୁଏଇ ବ୍ୟାପକ ଅର୍ଥନୈତିକ ସହଭାଗୀତା ଚୁକ୍ତିନାମା ଭାରତୀୟ ଚାଷୀ, MSME ଏବଂ ଅନ୍ୟାନ୍ୟ ବ୍ୟବସାୟ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିଛି l ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଗୋୟଲ କହିଛନ୍ତି, ଭାରତ ଏବଂ ୟୁଏଇ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କ ଦୃଢ଼ ଭାବରେ ବୃଦ୍ଧି ପାଇଛି ଏବଂ ୧୦୦ ବିଲିୟନ ଡଲାର ଅତିକ୍ରମ କରିଛି । ରତ୍ନ ଓ ଅଳଙ୍କାର, ଇଞ୍ଜିନିୟରିଂ ସାମଗ୍ରୀ, ଇଲେକ୍ଟ୍ରୋନିକ୍ସ ଏବଂ କୃଷି ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକରେ ବ୍ୟାପକ ଉନ୍ନତି ହୋଇଥିବା ସେ କହିଛନ୍ତି ।

## ଟ୍ରମ୍ପ-ଇରାନ ଓ୍ୱାର

ଇରାନ ପକ୍ଷରୁ ସଂଘର୍ଷ ଶେଷ କରିବା ଲାଗି ଦିଆଯାଇଥିବା ପ୍ରସ୍ତାବକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ପ୍ରତ୍ୟାଖ୍ୟାନ କରିଛନ୍ତି । ଇରାନ ମଧ୍ୟସ୍ଥ ମାଧ୍ୟମରେ ସଂଶୋଧିତ ପ୍ରସ୍ତାବ ଦାଖଲ କରିଛି । ଶ୍ରୀ ଟ୍ରମ୍ପ ସ୍ୱୀକାର କରିଛନ୍ତି ଯେ ତେହେରାନ ଆଲୋଚନାରେ ଅଗ୍ରଗତି କରିଛି କିନ୍ତୁ ପ୍ରସ୍ତାବରେ ଦିଆଯାଇଥିବା ସର୍ତ୍ତାବଳୀରେ  ସେ ସହମତ ନୁହନ୍ତି । ସେ କହିଛନ୍ତି ଇରାନ ଏପରି ରିହାତି ଚାହୁଁଛି ଯାହାକୁ ସେ ଗ୍ରହଣ କରିପାରିବେ ନାହିଁ। ବିଦେଶ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଇରାନ ନେତୃତ୍ୱ ଆଭ୍ୟନ୍ତରୀଣ ଅସ୍ଥିରତାକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବା କୁହାଯାଇଛି । ଅନ୍ୟପକ୍ଷରେ ଲେବାନନରେ, ଇସ୍ରାଏଲୀ ଆକ୍ରମଣରେ ଗୋଟିଏ ଦିନରେ ୩୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି, ଯେଉଁଥିରେ ଦୁଇ ଶିଶୁ ଅଛନ୍ତି । ଫଳରେ ଆମେରିକା ମଧ୍ୟସ୍ଥତାରେ ହୋଇଥିବା ଯୁଦ୍ଧ ବିରତିର ଉଲ୍ଲଂଘନ ନେଇ ଚିନ୍ତା ସୃଷ୍ଟି ହୋଇଛି ।

## ଗୋୟଲ-ଇଣ୍ଡିଆ ୟୁଏଇ ସେପା

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି ୪ ବର୍ଷ ପୂର୍ବେ କାର୍ଯ୍ୟକାରୀ ହୋଇଥିବା ଭାରତ-ୟୁଏଇ ବ୍ୟାପକ ଅର୍ଥନୈତିକ ସହଭାଗୀତା ଚୁକ୍ତିନାମା ଭାରତୀୟ ଚାଷୀ, MSME ଏବଂ ଅନ୍ୟାନ୍ୟ

ବ୍ୟବସାୟ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିଛି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଗୋୟଲ କହିଛନ୍ତି, ଭାରତ ଏବଂ ୟୁଏଇ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କ ଦୃଢ଼ ଭାବରେ ବୃଦ୍ଧି ପାଇଛି ଏବଂ ୧୦୦ ବିଲିୟନ ଡଲାର ଅତିକ୍ରମ କରିଛି । ରତ୍ନ ଓ ଅଳଙ୍କାର, ଇଞ୍ଜିନିୟରିଂ ସାମଗ୍ରୀ, ଇଲେକ୍ଟ୍ରୋନିକ୍ସ ଏବଂ କୃଷି ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକରେ ବ୍ୟାପକ ଉନ୍ନତି ହୋଇଥିବା ସେ କହିଛନ୍ତି ।

## ସେନ୍‌ସସ୍

୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟ ଅନ୍ତର୍ଗତ ଆନ୍ଧ୍ର ପ୍ରଦେଶ, ଅରୁଣାଚଳ ପ୍ରଦେଶ, ହରିୟାଣା, ଚଣ୍ଡିଗଡ଼, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ରେ ଗୃହ ତାଲିକାକରଣ ଏବଂ ଗଣନା କାର୍ଯ୍ୟ ଆରମ୍ଭ ହୋଇଛି। ଏହି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ଅଧିସୂଚିତ ୧୫ ଦିନିଆ ସ୍ୱ-ଗଣନା ଅବଧି ସମାପ୍ତ ହେବା ପରେ ଏହା ଆରମ୍ଭ ହୋଇଛି। ଗୃହ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ଏହି କାର୍ଯ୍ୟ ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଅନ୍ୟପକ୍ଷରେ ସ୍ୱ-ଗଣନା କାର୍ଯ୍ୟ ଦିଲ୍ଲୀ, ରାଜସ୍ଥାନ, ମହାରାଷ୍ଟ୍ର, ମେଘାଳୟ ଏବଂ ଝାଡ଼ଖଣ୍ଡର ନଗର ନିଗମରେ ଆରମ୍ଭ ହୋଇଛି। ଏହି ଅନଲାଇନ୍ ସୁବିଧା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ପରେ ଗୃହ ଗଣନା କାର୍ଯ୍ୟ ଆସନ୍ତା ୧୬ ତାରିଖରୁ ଜୁନ୍

୧୪ ତାରିଖ ପର୍ଯ୍ୟନ୍ତ  କରାଯିବ। ଏହା ବ୍ୟତୀତ, ବିହାରରେ ପନ୍ଦର ଦିନିଆ ସ୍ୱ-ଗଣନା ଅବଧି ଆଜି ଶେଷ ହେଉଥିବା ବେଳେ ଆସନ୍ତାକାଲିଠାରୁ ଗୃହଗଣନା କାର୍ଯ୍ୟ ଆରମ୍ଭ ହେବ । ଜନଗଣନା ପାଇଁ ଗ୍ରହଣ କରାଯାଇଥିବା ଡିଜିଟାଲ୍ ପଦ୍ଧତିରେ ଏପର୍ଯ୍ୟନ୍ତ ପ୍ରାୟ ୮୨ ଲକ୍ଷ ପରିବାର ସରକାରୀ ପୋର୍ଟାଲ୍  ଜରିଆରେ ପଞ୍ଜୀକରଣ କରିଛନ୍ତି ।

# ପଞ୍ଚାୟତିରାଜ-ଓ୍ୱାର୍କସପ୍

କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଆଜି ହାଇଦ୍ରାବାଦରେ ଆତ୍ମନିର୍ଭର ପଞ୍ଚାୟତ ପଦକ୍ଷେପ ଉପରେ ଏକ ଆଉଟରିଚ୍ କର୍ମଶାଳା ଆୟୋଜନ କରାଯାଉଛି। ଏଥିରେ  ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନ ଅଧୀନରେ ପଞ୍ଚାୟତିରାଜ ମନ୍ତ୍ରଣାଳୟର ପଦକ୍ଷେପ, ଆତ୍ମନିର୍ଭର ପଞ୍ଚାୟତ କାର୍ଯ୍ୟକ୍ରମର ଦୃଷ୍ଟିକୋଣ, ଉଦ୍ଦେଶ୍ୟ ଏବଂ କାର୍ଯ୍ୟକ୍ଷମ ଢାଞ୍ଚା ସଂପର୍କରେ ସୂଚନା ପ୍ରଦାନ କରାଯିବ । ପଞ୍ଚାୟତିରାଜ ମନ୍ତ୍ରଣାଳୟର ସଚିବ ବିବେକ ଭରଦ୍ୱାଜ କର୍ମଶାଳାରେ ଉଦ୍‌ବୋଧନ ଦେବେ । କର୍ମଶାଳାରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ରହିଛି ।

# ଆଇପିଏଲ୍ କ୍ରିକେଟ୍

ଆଇପିଏଲ କ୍ରିକେଟରେ ଗତକାଲି ଦିଲ୍ଲୀ କ୍ୟାପିଟାଲ୍ସ  ଜୟପୁରର ସଓ୍ୱାଇ ମାନସିଂହ ଷ୍ଟାଡିୟମରେ ରାଜସ୍ଥାନ ରୟାଲ୍ସକୁ ୭ ଓ୍ୱିକେଟରେ

ପରାସ୍ତ କରିଛି । ୨୨୬ ରନର ପିଛା କରି, ଦିଲ୍ଲୀ କ୍ୟାପିଟାଲ୍ସ ୧୯ ଓଭର ଗୋଟିଏ ବଲ୍‌ରେ ୩ ୱିକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା ।  ଏହି ବିଜୟ ସହିତ ଦିଲ୍ଲୀ କ୍ୟାପିଟାଲ୍‌ସ ସିଜିନର ଚତୁର୍ଥ ବିଜୟ ହାସଲ କରିଛି ଏବଂ ପଏଣ୍ଟ ଟେବୁଲରେ ଷଷ୍ଠ ସ୍ଥାନରେ ରହିଛି । ରାଜସ୍ଥାନ ରୟାଲ୍‌ସ ୧୦ଟି ମ୍ୟାଚ୍‌ରୁ ୬ଟିରେ ବିଜୟ ସହିତ ଚତୁର୍ଥ ସ୍ଥାନରେ ରହିଛି ।

ଆଜି  ଚେନ୍ନାଇର ଏମଏ ଚିଦାମ୍ବରମ ଷ୍ଟାଡିୟମରେ ଚେନ୍ନାଇ ସୁପର କିଙ୍ଗ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ସନ୍ଧ୍ୟା ୦୭.୩୦ରେ ମ୍ୟାଚ୍ ଖେଳାଯିବ ।

## ୱାର୍ଲ୍ଡ ଆଥ୍‌ଲେଟିକ୍ ରିଲେ

ବୋଟସୱାନାର ଗାବୋରୋନରେ ଆଜି  ବିଶ୍ୱ ଆଥଲେଟିକ୍ସ ରିଲେ ଆରମ୍ଭ ହେବ । ଏଥିରେ ୨୧ ଜଣିଆ ଭାରତୀୟ ଦଳ ପାଞ୍ଚଟି ଇଭେଣ୍ଟରେ ଅଂଶଗ୍ରହଣ କରିବେ । ବିଶ୍ୱ ଆଥଲେଟିକ୍ସ ରିଲେ ଆସନ୍ତାକାଲି ଉଦ୍‌ଯାପିତ ହେବ । ମୋଟ ଛଅଟି ରିଲେ ଇଭେଣ୍ଟରେ ପୁରୁଷ ଏବଂ ମହିଳା କ୍ରୀଡ଼ାବିତ୍ ଏକକ ଓ ମିଳିତ ପର୍ଯ୍ୟାୟରେ  ୧୦୦ ଓ ୪୦୦ ମିଟର ଦୌଡ଼ରେ ଭାଗ ନେବେ । ଆଫ୍ରିକାରେ  ପ୍ରଥମଥର ପାଇଁ ବିଶ୍ୱ ଆଥଲେଟିକ୍ସ ରିଲେ ଅନୁଷ୍ଠିତ ହେଉଛି ।  ଚଳିତବ ବର୍ଷ ଶେଷରେ

ବୁଦାପେଷ୍ଟରେ ହେବାକୁ ଥିବା ପ୍ରଥମ ବିଶ୍ୱ ଆଥଲେଟିକ୍ସ ଅଲ୍‌ଟିମେଟ୍ ଚାମ୍ପିଅନସିପ୍ ପାଇଁ ୬ ଜଣ  ଭାରତୀୟ କ୍ରୀଡ଼ାବିତ୍  ଯୋଗ୍ୟତା ଅର୍ଜନ କରିବେ ।